## ଭାଙ୍ଗିଲା ଘର କାନ୍ଥ

ପାଟଣା,(ସ୍ୱ., ପ୍ର.): କେନ୍ଦୁଝର ଜିଲା ପାଟଣା ଅଞ୍ଚଳରେ ୩୪.୨ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ପାଟଣା ସ୍ଥିତ କେନ୍ଦ୍ରୀୟ ଜଳ ଆୟୋଗ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଶନିବାର ବିଳମ୍ବିତ ରାତିରେ ବାଉଁଶୁଳି ପଞ୍ଚାୟତ ଦାଶରଥିପୁର ବେଡା ସାହିର ବିଧବା ମହିଳା କୋଇଲି ମହାନ୍ତଙ୍କ ଘର କାନ୍ଥ ପଡ଼ିଯାଇଛି। ଭିତରେ ଶୋଇଥିବା କୋଇଲି ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅନୁରୂପ ଭାବେ କଇଁଣ୍ଡା ଗ୍ରାମର କୁଶ ଦେହୁରୀଙ୍କ ଗୁହାଳ ଭାଙ୍ଗିଯାଇଛି।

# ଚିନ୍ତା ବଢ଼ାଉଛି ଜଳକା ବନ୍ୟା

## ବର୍ଷାପାଣିରେ ବୁଡ଼ିଲା ଚାଷଜମି



ଆରଡି, ୧୪।୮ (ଡି.ଏନ.ଏ.)

ଲଗାଣ ବର୍ଷାରେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଓଲଗ, ସୁନ୍ଦରପୁର, ଆରଡି, ନାନ୍ଦପୁର ଓ ଆରଡ଼ି ପଞ୍ଚାୟତର ପ୍ରାୟ ୨୦ଟି ଗାଁର ଶତାଧିକ ଏକର ଚାଷଜମି ବୁଡ଼ି ଯାଇଛି। ଲଘୁଚାପ ଯୋଗୁ ସମୁଦ୍ର ଜୁଆରିଆ ରହୁଥିବାରୁ ଜମିରୁ ଜଳ ନିଷ୍କାସନ ହୋଇପାରୁ ନାହିଁ। ଏପଟେ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବର୍ଦ୍ଧିତ ବନ୍ୟାଜଳ ଆରଡ଼ି ଅଞ୍ଚଳରେ ସୋମବାର ସକାଳ ସୁଦ୍ଧା ପହଞ୍ଚିବାର ସମ୍ଭାବନା ରହିଛି। ବୋଡ଼କ ନିକଟରେ ଧସିଥିବା ରାସ୍ତା ଦେଇ ବନ୍ୟାଜଳ ପ୍ରବାହିତ ହେବାର

### ବନ୍ୟା ଆଶଙ୍କାରେ ଲୋକେ ଆତଙ୍କିତ

ଆଶଙ୍କା ଦେଖାଦେଇଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ୨୦ ନଂ. ଜାତୀୟ ରାଜପଥର ଏହି ସ୍ଥାନରେ ଘାଇ ହେଲେ ୪ ପଞ୍ଚାୟତର କ୍ଷତି ହେବ ବୋଲି ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ଏଠାରେ ବନ୍ୟାଜଳ ପ୍ରବାହିତ ହେଲେ ଆରଡ଼ି–ଯାଜପୁର ଯୋଗାଯୋଗ ବିଚ୍ଛିନ୍ନ ହେବ। ବନ୍ୟା ଆଶଙ୍କାରେ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସାଳନ୍ଦୀ ନଦୀରେ ଜୁଆର ଆସିବା ଫଳରେ ଆରଡ଼ି ପଞ୍ଚାୟତର ଶୀତଳପୁର ରାସ୍ତା ବୁଡ଼ିଯାଇ ଯାତାୟାତ ବାଧାପ୍ରାପ୍ତ ହୋଇଛି।

## ବିପଦସଙ୍କେତ ଉପରେ ବୈତରଣୀ

ଭଣ୍ଡାରିପୋଖରୀ, ୧୪।୮(ସ୍ୱ.ପ୍ର.)

ଲଘୁଚାପଜନିତ ବର୍ଷା ଯୋଗୁ ବୈତରଣୀ ନଦୀର ଜଳସ୍ତର ଦୁଇଦିନ ହେଲା ବିପଦ ସଙ୍କେତ ଉପରେ ରହିଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଆଖୁଆପଦା ଆନିକଟଠାରେ ନଦୀର ବିପଦ ସଙ୍କେତ ୧୭.୮୩ ମିଟର ଥିବାବେଳେ ରବିବାର ରାତି ୯ଟା ସୁଦ୍ଧା ୧୮.୧୦ ମିଟରରେ ବନ୍ୟାଜଳ ପ୍ରବାହିତ ହୋଇଥିଲା। ତେବେ ସକାଳ ୫ଟାଠାରୁ ହ୍ରାସ ପାଇ ଅପରାହ୍ନ ୫ଟା ସୁଦ୍ଧା ୧୭.୯୭ ମିଟରରେ ସ୍ଥିର ରହିଥିଲା। ସନ୍ଧ୍ୟା ୬ଟା ପରେ ପୁଣି ବଢ଼ିବା ଆରମ୍ଭ କରିଥିଲା।

କେନ୍ଦୁଝରରେ ୭୮.୬ ମି.ମି., ଠାକୁରମୁଣ୍ଡାରେ ୭୦.୨, ଚମ୍ପୁଆରେ ୪୩.୬, ଆଖୁଆପଦାରେ ୪୦.୮, ସ୍ୱାମପାଟଣାରେ ୩୪.୨ ଓ ଆନନ୍ଦପୁରରେ ୨୪.୨ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବର୍ଷାର ପରିମାଣ ବୃଦ୍ଧି ପାଇଲେ ଏହା ବଡ଼ ବନ୍ୟାର ରୂପରେଖ ନେବ ବୋଲି ଆକଳନ କରାଯାଉଥିବା ବିଭାଗୀୟ ଯନ୍ତ୍ରୀ ସୁଶାନ୍ତ ଦାସ ସୂଚନା ଦେଇଛନ୍ତି।

■୩ ଦିନ ଧରି ବିପଦ ସଙ୍କେତ ଉପରେ ଜଳସ୍ତର
■ଲଗାଣ ବର୍ଷାରେ ଭାଙ୍ଗିଲା ଘର

ରୂପସା,୧୪।୮(ଡି.ଏନ.ଏ.)



ଗୋଠଗଡ଼ିଆ ଗ୍ରାମର ଦୁଇ ମହିଳା ସୁରକ୍ଷିତ ସ୍ଥାନକୁ ଯାଉଛନ୍ତି।

ବାଲେଶ୍ୱର ଜିଲାର ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ୩ଦିନ ଧରି ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଫଳରେ ଏହି ନଦୀରେ ଆସିଥିବା ବନ୍ୟା ପାଇଁ ଜନସାଧାରଣଙ୍କ ଚିନ୍ତା ବଢ଼ି ଯାଇଛି। ରବିବାର ୭ଟି ପଞ୍ଚାୟତର ବହୁ ଗାଁ ପାଣି ଘେରରେ ଥିବା ଜଣାପଡ଼ିଛି।

ଜଳକା ନଦୀର ମଥାନୀଠାରେ ବିପଦ ସଂକେତ ୫.୫ମିଟର ଥିବାବେଳେ ଶୁକ୍ରବାର ଏହା ବିପଦ ସଂକେତ ଅତିକ୍ରମ କରି ୬.୨୯ ମିଟରରେ ପହଞ୍ଚିଥିଲା। ଶନିବାର ପୁଣି ଦିନ ୧୦ଟାରୁ ଜଳସ୍ତର ବୃଦ୍ଧି ହୋଇ ଅପରାହ୍ନ ୬ଟାରେ ୬.୩୧ ମି.ରେ ପହଞ୍ଚିଥିଲା। ରବିବାର ରାତି ୯ଟା ସୁଦ୍ଧା ୬.୫୧ମିଟରରେ ଜଳସ୍ତର ପ୍ରବାହିତ ହେଉଥିବା ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ମହେଶ୍ୱର ସିଂ ସୂଚନା ଦେଇଛନ୍ତି। ଫଳରେ ବସ୍ତା ବ୍ଲକର ମଥାନୀ, ଦୁଧହଂସା, ବାହାର୍ଦ୍ଧା, ବାସିଚକୁରାଇ ସମେତ ସଦର ବ୍ଲକର ରସଲପୁର ଓ ଶ୍ରୀରାମପୁର ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଗାଁ ପାଣି ଘେରରେ ରହିଛି। ଏହା ବ୍ୟତୀତ ବିଭିନ୍ନ ପଞ୍ଚାୟତର ଚାଷ ଜମି ସମ୍ପୂର୍ଣ୍ଣ ଜଳମଗ୍ନ ରହିଛି। ଲଗାଣ ବର୍ଷାରେ ରସଲପୁର ପଞ୍ଚାୟତର ଅଜୟ ଗାଆଣ, ପ୍ରଦୀପ ଗାଆଣ, ମାଳତୀ ପ୍ରଧାନ ଓ ପାର୍ବତୀ ପ୍ରଧାନଙ୍କ ବାସଗୃହ ଭୁଶୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି।

## ଆନନ୍ଦପୁରଠାରେ ବୈତରଣୀର ଜଳସ୍ତର ବୃଦ୍ଧି

ଆନନ୍ଦପୁର,୧୪।୮(ସ୍ୱ.ପ୍ର.)

ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ଆନନ୍ଦପୁର ଠାରେ ବୈତରଣୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ରବିବାର ଅପରାହ୍ନ ୪ଟା ସୁଦ୍ଧା ଆନନ୍ଦପୁରଠାରେ ବୈତରଣୀର ଜଳସ୍ତର ୩୬.୬୨ମି. ରହିଥିବାବେଳେ ରାତି ୮ଟା ସମୟରେ ଜଳସ୍ତର ସତର୍କ ସୂଚନା ଅତିକ୍ରମ କରି ୩୭.୫୦୦ମିଟରରେ ପହଞ୍ଚିଥିଲା। ଆନନ୍ଦପୁର ଠାରେ ବୈତରଣୀ ନଦୀ ସତର୍କ ସୂଚନା ୩୭.୪୪୯ମି. ରହିଛି।



## ଲଗାଣ ବର୍ଷାରେ ଗଛ ଉପୁଡ଼ିଲା

ପାଟଣା,୧୪।୮(ସ୍ୱ.ପ୍ର.)

ଲଗାଣବର୍ଷା ଯୋଗୁ ପାଟଣା–କରଞ୍ଜିଆ ରାସ୍ତାର ସାହାରପଡ଼ା ଉଦୟପୁର ଛକ ନିକଟରେ ଥିବା ଏକ ବିରାଟ ବରଗଛ ଶନିବାର ରାତିରେ ଉପୁଡ଼ି ପଡ଼ିଛି। ରାସ୍ତାରେ ପଡ଼ିଥିବାରୁ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ଗଛ ପଡ଼ିଥିବାରୁ ଉଭୟ ପାର୍ଶରେ ଶହ ଶହ ଶହ ସଂଖ୍ୟାରେ ଗାଡ଼ିମୋଟର ଅଟକି ରହିଥିଲା। ଘଟଣାସ୍ଥଳରେ ସାହାରପଡ଼ା ଫାଣ୍ଡି ପୋଲିସ ଓ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଗଛକୁ କାଟି ସଫା କରିବା ପରେ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଗଛ ପଡ଼ି ବିଦ୍ୟୁତ ତାର ଛିଡ଼ିଯାଇଥିବାରୁ ସାହାରପଡ଼ାର କେତେକ ଅଞ୍ଚଳରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି।

## ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ



ଚମ୍ପୁଆ ଅଞ୍ଚଳର ଏକ ରାସ୍ତାରେ ଗଛ ଉପୁଡି ପଡିଛି।

ଚମ୍ପୁଆ/ ଯୋଡ଼ା, ୧୪।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଓ ଯୋଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ଗଛ ପଡ଼ି ଦୀର୍ଘ ସମୟ ରାସ୍ତା ଅବରୋଧ ହୋଇଥିଲା। ଚମ୍ପୁଆ ବ୍ଲକ ଅନ୍ତର୍ଗତ କାଳିକାପ୍ରଶାଦ ଠାରେ ଗଛ ପଡ଼ି ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଜାତୀୟରାଜପଥ ବନ୍ଦ ରହିଥିବା ବେଳେ ମାଲ ପରିବହନ ସହ ଯାତ୍ରୀ ମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମ ବିଭାଗ ଗଛକାଟିବା ପରେ ଯାତାୟାତ ସୁବିଧା ହୋଇଥିଲା। ସେହିପରି ଯୋଡ଼ା ପୌରପାଳିକା ଅନ୍ତର୍ଗତ ଭୂତ ବଙ୍ଗଳା ନିକଟ ରାସ୍ତା ଉପରେ ବହୁ ପୁରାତନ ଗଛ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଉପୁଡ଼ି ପଡିବାରୁ ରାସ୍ତା ଅବରୋଧ ହୋଇଛି। ଦୀର୍ଘ ସମୟ ଧରି ରାସ୍ତା ଦୁଇ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଗଛ ପଡ଼ିବା ସମୟରେ କୌଣସି ଯାନବାହାନ ଉପରେ ପଡ଼ି ନ ଥିଲା। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହେତୁ ଯୋଡ଼ା ସହରକୁ ଯାନବାହାନ ଏପରିକି ବାଇକ୍ ମଧ୍ୟ ଚଳାଚଳ କରିପାରି ନ ଥିଲା।

## ଗୌରାଙ୍ଗପୁର, ମଲ୍ଲୀମାହାରା ଏସ୍କେପରୁ ବନ୍ୟାଜଳ ପ୍ରବାହିତ

ଧାମନଗର,୧୪।୮(ଡି.ଏନ.ଏ.)

ଲଗାଣ ବର୍ଷା ଯୋଗୁ ବୈତରଣୀ ଓ ଶାଖା ନଦୀ କୋଚିଳାରେ ବନ୍ୟା ଆସିଛି। ବୈତରଣୀର ଆଖୁଆପଦା ଆନିକଟଠାରେ ବିପଦ ସଙ୍କେତ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି। ରବିବାର ସକାଳ ୫ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଜଳସ୍ତର ସ୍ଥିର ରହି ସନ୍ଧ୍ୟା ୬ଟାଠାରୁ ପୁଣି ବଢ଼ିବା ଆରମ୍ଭ କରିଛି। ଘଣ୍ଟାକୁ .୦୪ ମିଟରରେ ବନ୍ୟା ଜଳ ବୃଦ୍ଧି ପାଉଛି। ଏହି ବନ୍ୟା ଜଳ ବିଳମ୍ବିତ ରାତି ସୁଧା ଅଧିକ ହେବ ବୋଲି ଧାମନଗର ଜଳ ସମ୍ପଦ ବିଭାଗ ପକ୍ଷରୁ ଜଣାଯାଇଛି। ବୈତରଣୀ ନଦୀର ଗୌରାଙ୍ଗପୁର ଓ ମଲ୍ଲୀମାହାରା ଏସ୍କେପ ଦେଇ ବନ୍ୟାଜଳ ପ୍ରବାହିତ ହେବାରୁ ଧାମନଗର ବ୍ଲକର ତଳିଆ ଅଞ୍ଚଳ ଚାଷଜମି ଜଳମଗ୍ନ ହୋଇଛି। ଗୌରାଙ୍ଗପୁର ଏସ୍କେପରୁ ବନ୍ୟାଜଳ ବାହାରି ସୋହଡ଼ା ଓ ପଧାନୀ ପଞ୍ଚାୟତ, ମଲ୍ଲୀମାହାରା ଏସ୍କେପରୁ ବାହାରି ଖଡ଼ିପଦା ଓ ଆନନ୍ଦପୁର ପଞ୍ଚାୟତର ଚାଷଜମି ବୁଡ଼ିଛି।



ଗୌରାଙ୍ଗପୁର ଏସ୍କେପରୁ ବନ୍ୟାଜଳ ପ୍ରବାହିତ।

## ସରକାରୀ କାର୍ଯ୍ୟାଳୟ, ବସ୍ଷ୍ଟାଣ୍ଡରେ ପଶିଲା ପାଣି



ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ବର୍ଷା ପାଣି।

ଚମ୍ପୁଆ,୧୪।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆରେ ଲଘୁଚାପ ଜନିତ ବର୍ଷା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଚମ୍ପୁଆ ଏନ୍ଏସିରେ ଥିବା କେତେକ ସରକାରୀ କାର୍ଯ୍ୟାଳୟ ସମେତ ବଜାର ମଧ୍ୟରେ ଥିବା ଦୋକାନ ଘର, ବସ୍ଷ୍ଟାଣ୍ଡରେ କୃତ୍ରିମ ବନ୍ୟା ଦେଖାଦେଇଛି। ୩ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଲାଗିରହିଛି। ଫଳରେ ଚମ୍ପୁଆ ଶିଶୁ ବିକାଶ କାର୍ଯ୍ୟାଳୟ, ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟରେ ବର୍ଷାଜଳ ଲହଡି ମାରୁଥିବା ବେଳେ ବଜାର ମଧ୍ୟରେ ଥିବା ଦୋକାନ ଘରେ ପାଣି ପଶିଛି। ସେହିପରି ଚମ୍ପୁଆ ବସ୍ଷ୍ଟାଣ୍ଡରେ ଆଣ୍ଠୁଏ ପାଣି ହୋଇଥିବା ବେଳେ ଯାତ୍ରୀ ହୀନସ୍ତା ହୋଇଛନ୍ତି। ଅନ୍ୟପକ୍ଷରେ କେତେକ ୱାର୍ଡରେ ଏହି ବର୍ଷାଜଳ ପ୍ରବେଶ କରି ୱାର୍ଡ ବାସୀଙ୍କ ଦୁଃଖର କାରଣ ସାଜିଛି। ଏନ୍ଏସି ଗଠନର ୭ ବର୍ଷ ପରେବି ଡ୍ରେନେଜ ବ୍ୟବସ୍ଥା ପ୍ରତି ବିଭାଗର ଦୂରଦୃଷ୍ଟି ଅଭାବ ଏହି କୃତ୍ରିମ ବନ୍ୟାର କାରଣ ସାଜିଛି ବୋଲି ଏନଏସି ବାସୀ ମତ ଦେଇଛନ୍ତି।

## ବହୁ ତଳିଆ ଗାଁ ଜଳବନ୍ଦୀ

■କେନ୍ଦୁଝରରେ ବନ୍ୟା ସ୍ଥିତି
■ହରିଚନ୍ଦନପୁର-ଦୈତାରୀ ଯୋଗାଯୋଗ ବିଚ୍ଛିନ୍ନ

କେନ୍ଦୁଝର, ୧୪।୮ (ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଲଘୁଚାପଜନିତ ବର୍ଷା ଯୋଗୁ ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡ଼ିଛି। ଅନେକ ଗ୍ରାମ, ବସ୍ତି, ୱାର୍ଡ ଜଳବନ୍ଦୀ ହୋଇଛି। ତେବେ ଏନେଇ ପ୍ରଶାସନ ପାଖରେ ଠିକ ସୂଚନା ନାହିଁ। ନଦୀନାଳରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଅନେକ ସ୍ଥାନରେ ପୋଲ ଉପରେ ପାଣି ପ୍ରବାହିତ ହୋଇ ଯାତାୟାତ ବାଧାପ୍ରାପ୍ତ ହୋଇଛି।

ଜଙ୍ଗଲ ଓ ପାହାଡ଼ି ଅଞ୍ଚଳରେ ସବୁ ନଦୀନାଳରେ ଜଳପଉନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ରାସ୍ତା ଉପରେ ପାଣି ପ୍ରବାହିତ ହେଉଥିବାରୁ ଲୋକେ ଯାତାୟାତ କରିପାରୁନାହାନ୍ତି। ଅନେକ ଗାଁ ଓ ସାହିରେ ଲଗାଣ ବର୍ଷା ଯୋଗୁ ମାଟି ଘର ଭାଙ୍ଗିଯାଇଛି। ଜିଲାର ପ୍ରମୁଖ ବୈତରଣୀ ନଦୀରେ ଜଳ ପଉନ ବୃଦ୍ଧି ପାଇବାରେ ଲାଗିଛି । ଜିଲା ମୁଖ୍ୟାଳୟର ଭାଲୁକିପତଳା, ଜଗନ୍ନାଥପୁର, କାଶୀପୁର, ଟିକର ଗୁମୁରା ଆଦି ସାହିର ବହୁ ଲୋକ ଦୀର୍ଘ ତିନି ଧରି ପାଣି ଘେରରେ ରହିଛନ୍ତି। ନରଣପୁର ପେଟ୍ରୋଲ ପମ୍ପ ନିକଟରେ ଗଛ ଉପୁଡି ଏକ ଅଟୋ ଉପରେ ଖସି ପଡିଥିଲା। ଫଳରେ ଅଟୋରେ ଯାଉଥିବା ଯାତ୍ରୀମାନେ ଆହତ ହୋଇଛନ୍ତି। ଭାଟୁଣିଆ ମାଛ କାନ୍ଦଣା ପୋଲ, କାଦଗଡ ରେଲୱେ ଫାଟକ, ଘସଡା ପୋଲ, ହାତୀକୁଚା ଝିଟିଙ୍ଗା ଓ ହାତୀକୁଚା ପୁରୁଣାସାହି ଆଦି ପୋଲ ଉପରେ ପାଣି ପ୍ରବହିତ ହେଉଛି। ହରିଚନ୍ଦନପୁର- ଦୈତାରୀ ରାସ୍ତାର ମୂଷଳ ନାଳ ପୋଲ ଉପରେ ୩ ଫୁଟ ପାଣି ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି।



ସଦର ବ୍ଲକ ସାନମାଛକାନ୍ଦଣା ପୋଲ ଉପରେ ବନ୍ୟା ଜଳ ପ୍ରବାହିତ।

## ଅବିଶ୍ରାନ୍ତ ବର୍ଷାରେ ଜୀବନଯାତ୍ରା ପ୍ରଭାବିତ

ଭୋଗରାଇ,୧୪।୮(ଡି.ଏନ.ଏ.)

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ ବାଲେଶ୍ୱର ଜିଲାରେ ସ୍ଥାନେ ସ୍ଥାନେ ମଧ୍ୟମରୁ ପ୍ରବଳ ବର୍ଷା ଲାଗି ରହିଛି। ଅବିଶ୍ରାନ୍ତ ବର୍ଷା ଯୋଗୁ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଚାଷଜମି ଜଳପୂର୍ଣ୍ଣ ହୋଇଥିବା ବେଳେ ଧାନ ଜମିରେ ଜଳର ଲହଡ଼ି ଖେଳୁଛି। ଜରୁରୀକାଳୀନ ବିଭାଗ ସୂଚନା ଅନୁଯାୟୀ ବାଲେଶ୍ୱର ଜିଲାର ରେମୁଣା ବ୍ଲକରେ ସର୍ବାଧିକ ୭୪ମି.ମି. ଓ ସିମୁଳିଆ ବ୍ଲକରେ ସର୍ବନିମ୍ନ ୧୧ମି.ମି. ସହିତ ଜିଲାରେ ସର୍ବମୋଟ୍ ୫୧୩ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏଭଳି ବର୍ଷା ଲାଗି ରହିଲେ ସ୍ଥିତି ଗମ୍ଭୀର ହେବ ବୋଲି କୁହାଯାଇଛି।

ଅପରପକ୍ଷରେ ସୁବର୍ଣ୍ଣରେଖା ଉପରମୁଣ୍ଡରେ ଅଧିକ ବର୍ଷା ହେଉ ନ ଥିବାରୁ ବନ୍ୟା ଆଶଙ୍କା ନ ଥିବା ସିଡବ୍ଲ୍ୟୁସି ଓ ସେଚ ବିଭାଗ ସୂଚନା ଦେଇଛନ୍ତି। ଝାଡ଼ଖଣ୍ଡ–ମାଳ ଅଞ୍ଚଳରେ ଥିବା ଡ୍ୟାମ୍ ଓ ବ୍ୟାରେଜଗୁଡ଼ିକ ପାଣି ଖାଲି ରହୁଥିବାରୁ ନଦୀ କୂଳବାସୀ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ସେଚ ବିଭାଗ କହିଛି। ବର୍ଷା ପାଣି ବଢ଼ିଥିବାରୁ ସୁବର୍ଣ୍ଣରେଖାରେ ଏହି ପାଣି ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ରାଜଘାଟ ଗେଜଠାରେ ସତର୍କ ସୂଚନା ୯.୪୫ ମିଟର ଥିବା ବେଳେ ରବିବାର ୩ଟା ସୁଦ୍ଧା ୭.୨୧ମିରେ ପ୍ରବାହିତ ହୋଇଥିଲା। ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ଥିବାବେଳେ

■ସମୁଦ୍ରରେ ଭାସି ଯାଉଥିବା ପର୍ଯ୍ୟଟକ ଉଦ୍ଧାର

■ସୁବର୍ଣ୍ଣରେଖାରେ ନାହିଁ ବିପଦ

ଭୋଗରାଇ ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ସମୁଦ୍ରକୂଳ ଯିବାକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି। ଏହା ସତ୍ତ୍ୱେ ଜଣେ ପର୍ଯ୍ୟଟକ ନିଷେଧାଜ୍ଞା ଅମାନ୍ୟ କରି ସମୁଦ୍ରରେ ସେଲ୍‌ଫି ଉଠାଉ ଥିବାବେଳେ ଉତ୍ତାଳ ଢ଼େଉରେ ଭାସି ଯାଇଥିଲେ। ଡିଜାଷ୍ଟର ମୁଭମେଣ୍ଟ କର୍ମଚାରୀ ଓ ଅନ୍ୟ ପର୍ଯ୍ୟଟକମାନେ ତୁରନ୍ତ ସାହସିକ ପଦକ୍ଷେପ ନେଇ ତାଙ୍କୁ ଉଦ୍ଧାର କରି ଦୀଘା ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରିଥିବା ସୂଚନା ମିଳିଛି।

ଧରିତ୍ରୀ
DHARITRI
ସୋମବାର, ୧୫ ଅଗଷ୍ଟ ୨୦୨୨

**ଭାସିଗଲେ ଯୁବକ**

**ବଡ଼ସାହି:** ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ସିଂହଟିଆ ଗ୍ରାମର ୨ ଯୁବକ ବାରିପଦାରୁ ଫେରିବା ବାଟରେ ହାରିପୁର ପୋଲ ନିକଟରେ ପାଣି ଭାସି ଯାଇଥିଲେ। ଆକାଶ ନାମକ ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଆଉ ଜଣେ ଯୁବକ ନିଖୋଜ ଅଛନ୍ତି। ବଡ଼ସାହି ଅଗ୍ନିଶମ ବାହିନୀ ଖୋଜା ଖୋଜି ଜାରି ରଖିଛି।



## ସଂକ୍ଷେପରେ

### ଦବିଲା କଲଭର୍ଟ




ଆରଡ଼ି, ୧୪।୮ (ଡି.ଏନ.ଏ.)-ଭଦ୍ରକ ଜିଲା ଆରଡ଼ି ପୋଲିସ ଫାଣ୍ଡି ନିକଟରେ ୨୦ ନଂ. ଜାତୀୟ ରାଜପଥରେ ଥିବା କଲଭର୍ଟ ରବିବାର ସନ୍ଧ୍ୟାରେ ଦବିଯାଇଛି। ଏଥିସହ ଏଠାରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଦୁର୍ଘଟଣା ଆଶଙ୍କା କରି ଫାଣ୍ଡି ପୋଲିସ କଲଭର୍ଟର ଉଭୟ ପାର୍ଶ୍ୱରେ ବ୍ୟାରିକେଡ୍ ଦେବା ସହ ରାସ୍ତା ଆଲୋକୀକରଣ କରିଛି। ଲଗାଣ ବର୍ଷା ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସୂଚନାଥାଉକି, ଗତବର୍ଷ ଡିସେମ୍ବରରେ ଏଠାରେ ଗର୍ତ୍ତ ସୃଷ୍ଟି ହୋଇଥିଲା। ବିଭାଗୀୟ ଅଧିକାରୀ କେବଳ ଅସ୍ଥାୟୀ ଭାବେ ମରାମତି କରିଥିଲେ। ଏହାର ସ୍ଥାୟୀ ମରାମତି ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### କେନ୍ଦୁଝରରେ ବନ୍ୟାସ୍ଥିତିକୁ ନେଇ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

କେନ୍ଦୁଝର ୧୪।୮ (ସ୍ୱ.ପ୍ର.): ୭୬ତମ ସ୍ୱାଧୀନତା ଦିବସରେ ମୁଖ୍ୟଅତିଥି ଭାବେ ଆସିଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ରବିବାର ସନ୍ଧ୍ୟାରେ ଜିଲାରେ ଦେଖାଦେଇଥିବା ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ। ଏହା ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଥିଲେ ଯେ, ରାଜ୍ୟରେ ଦେଖାଦେଇଥିବା ଲଘୁଚାପ ଜନିତ ବର୍ଷା ଓ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ରବିବାର ସନ୍ଧ୍ୟା ସୁଦ୍ଧା ୧୫ଶହ ବ୍ୟକ୍ତିଙ୍କୁ ସ୍ଥାନାନ୍ତର କରାଯାଇଛି। ଆବଶ୍ୟକ ପଡିଲେ ଅଧିକ ଲୋକଙ୍କୁ ସ୍ଥାନାନ୍ତରିତ କରାଯିବ। ରାତିରେ ମୋବାଇଲ ଟିମ, ସ୍ୱାସ୍ଥ୍ୟ ବିଭାଗ ଦଳକୁ ସଜାଗ ରଖାଯାଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। କେନ୍ଦୁଝର ଜିଲାର ପରିସ୍ଥିତି ପ୍ରତି ପ୍ରଶାସନ ନଜର ରଖିଛନ୍ତି। ଏହି ସମ୍ମିଳନୀରେ କେନ୍ଦୁଝର ଜିଲାପାଳ ଆଶିଷ ଠାକରେ, ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ ଓ କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ , ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସଞ୍ଜୀବ ବାରିକ ଉପସ୍ଥିତ ଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଧାମନଗର,୧୪।୮(ଡି.ଏନ.ଏ./ସ୍ୱ.ପ୍ର.)- ଭଦ୍ରକ ଜିଲା ଧାମନଗର ପଞ୍ଚାୟତର ପୂର୍ବତନ ସରପଞ୍ଚ ମାନସୀ ଜେନା(୫୧)ଙ୍କ ହୃଦ୍‌ଘାତରେ ରବିବାର ପରଲୋକ ହୋଇଛି। ସେ ସକାଳେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ କଟକ ଡାକ୍ତରଖାନାକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀରକୁ ନିଜ ଘର ଧାମନଗର ମହାନ୍ତିସାହିକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଅଶୋକ ନାୟକ, ଏନ୍‌ଏସି ଅଧକ୍ଷା ନିବେଦିତା ଜେନା, ଉପାଧକ୍ଷ ଓସିମ ଏଜଦାନୀ କାଦରୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ମନୋରଞ୍ଜନ ମଲ୍ଲିକ, ସୂର୍ଯ୍ୟବଂଶୀ ସୁରଜ, ଅଶୋକ ପୁହାଣ, ବଦ୍ରିନାରାୟଣ ଧଳ, ଶରତ ଚନ୍ଦ୍ର ମହାନ୍ତି, କୈଳାସ ଚନ୍ଦ୍ର ମହାପାତ୍ର, ଖବରଦାତା ବାସୁଦେବ ତ୍ରିପାଠୀ, ଅନୀଲ ବାରିକ, ପ୍ରଦୀପ ମହାପାତ୍ର, ଗୋଲାମ ଜିଲାନି ହବି, ସେକ୍ ଜାଫର ଅଲ୍ଲୀ, ସନ୍ତୋଷ କୁମାର ମହାପାତ୍ର, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି ପ୍ରମୁଖ ଶେଷ ଦର୍ଶନ କରିଥିଲେ।

### ପୂର୍ବତନ କଲେଜ ଅଧକ୍ଷଙ୍କ ଦେହାନ୍ତ

ବାହାନଗା,୧୪।୮(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ସାହିତ୍ୟିକ ଡ. ନରେନ୍ଦ୍ର ପ୍ରସାଦ ବୁଗୁଡେଇ(୬୮)ଙ୍କ ରବିବାର ସକାଳେ ପରଲୋକ ଘଟିଛି। ସେ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥିବା ବେଳେ ନିଜେ ଅସ୍ତରାଗ ସାହିତ୍ୟ ଅନୁଷ୍ଠାନ ଗଢ଼ିଥିଲେ। ସେଥିରେ ସେ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ମାତ୍ରେ ବାହାନଗା ବ୍ଲକ ସମେତ ବାସୁଦେବପୁର ଓ ବିଭିନ୍ନ ସାହିତ୍ୟ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ମଧରେ ଶୋକର ଛାୟା ଖେଳିଯାଇଛି।

# ୬୬୭.୩୨ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ

**ବାଲେଶ୍ୱର ଅଫିସ,୧୪।୮**

ବାଲେଶ୍ୱର ଜିଲାରେ ପାନୀୟ ଜଳ ଓ ଲୁଣା ବନ୍ଧ ପ୍ରକଳ୍ପ ପାଇଁ ଗତ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ମୋଟ୍ ୬୬୭.୩୨ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦିତ ହୋଇଥିବାରୁ ଜିଲା ବିଜେଡି ପକ୍ଷରୁ ଶନିବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ସୂଚନା ଦେଇ କହିଛନ୍ତିଯେ, ଜିଲାରେ ୨ଟିଗ୍ରାମ୍ୟପାନୀୟ ଜଳ ଯୋଗାଣ ପ୍ରକଳ୍ପ ୨୯୨କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ କରିବା ପାଇଁ ଅନୁମୋଦନ ହୋଇଛି। ସଦର, ରେମୁଣା ଓ ଖଇରା ବ୍ଲକ ଅଧୀନରେ ଥିବା ୪୧ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୩୦୧ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୨,୬୨,୦୯୩ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇ ପାରିବ। ସେହିପରି ବାତ୍ୟା ପ୍ରତିରୋଧକ ଲୁଣା ବନ୍ଧ ପ୍ରକଳ୍ପ ମାଧମରେ ୩୭୫କୋଟି ୩୨ଲକ୍ଷ ଟଙ୍କା ବ୍ୟୟରେ ଜିଲାର ମୋଟ ୮୫.୩୦ କିମି ଦୀର୍ଘ ୨୦ଟି ଲୁଣା ବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟ କରାଯିବ। ଏହି ବନ୍ଧ ଦ୍ୱାରା ସଦର, ଭୋଗରାଇ ଓ ରେମୁଣା ବ୍ଲକର ୧୧,୬୦୦ହେକ୍ଟର ଚାଷ ଜମିକୁ ବନ୍ୟା ଓ ଲୁଣା ପାଣି ମାଡ଼ିଯିବାରୁ ରକ୍ଷା

**ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା**

କରାଯିବା ସହିତ ୪୩ଟି ଗ୍ରାମର ୨ଲକ୍ଷରୁ ଅଧିକ ପରିବାରଙ୍କ ଧନଜୀବନ ସୁରକ୍ଷିତ ରହିପାରିବେ। ସମସ୍ତ ପ୍ରକଳ୍ପ ଗୁଡ଼ିକୁ ୨୪ମାସ ମଧରେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀରେ ବିଧାୟକ ଅନନ୍ତ ଦାସ, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସୁଧାଂଶୁ ଶେଖର ପରିଡ଼ା ଓ ସ୍ୱରୂପ କୁମାର ଦାସଙ୍କ ସମେତ ଜିଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ସଦର ବ୍ଲକ ଅଧକ୍ଷା ସୁନିତା ବେହେରା, ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର କୁମାର ରାଉତ, ଜଳେଶ୍ୱର ବ୍ଲକ ଅଧକ୍ଷ ପ୍ରତୀପ କୁମାର ପ୍ରଧାନ, ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ, ଜିଲା ଯୁବ ବିଜେଡ଼ି ସଭାପତି ତାପସ କୁମାର ପରିଡ଼ା, ଜିଲା ଛାତ୍ର ବିଜେଡ଼ି ସଭାପତି ସିମନ ଦାସମହାପାତ୍ର, ଜିଲା ବିଜେଡ଼ି ଉପ-ସଭାପତି ଗୌରୀ କୁମାର ରାଉତ ଓ ଭୁବନାନନ୍ଦ ଦାସ, ଜିଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ଜିଲା ବିଜୁ କୃଷକ ଜନତା ଦଳ ସଭାପତି ଅଜୟ ସାମଲ, ଜିଲା ଅନୁସୂଚିତ ଜାତି ସେଲ ସଭାପତି ଶତ୍ରୁଘ୍ନ ମଲ୍ଲିକ ଏବଂ ପୂର୍ବତନ ପୌରାଧକ୍ଷ ଆଲୋକ କୁମାର ସାହୁଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## 'ହାରି ପୋଟର' ଲେଖିକାଙ୍କୁ ହତ୍ୟା ଧମକ

**ଲଣ୍ଡନ,୧୪।୮:**



ପ୍ରଖ୍ୟାତ ଲେଖକ ସଲମାନ ରଶଡିଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା କରିଥିବା 'ହାରି ପୋଟର' ଲେଖିକା ଜେ.କେ. ରୋଲିଙ୍ଗ୍‌ଙ୍କୁ ହତ୍ୟା ଧମକ ମିଳିଛି। ଟୁଇଟର ଜରିଆରେ ଏହି ହତ୍ୟା ଧମକ ମିଳିଥିବାବେଳେ ସ୍କଟିସ୍ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ନ୍ୟୁୟର୍କରେ ରଶଡିଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରି ରୋଲିଙ୍ଗ୍ ଶୁକ୍ରବାର ଟୁଇଟରରେ ଏକ ପୋଷ୍ଟ ଶେୟାର କରିଥିଲେ। ଏହାପରେ ଜଣେ ଟୁଇଟର ୟୁଜର 'ତୁମେ ବ୍ୟସ୍ତ ହୁଅନାହିଁ,ଏହାପରେ ତୁମ ପାଳି।' ବୋଲି ଲେଖିଥିଲେ। ଏହାର ସ୍କ୍ରିନ୍‌ସଟ୍ ରୋଲିଙ୍ଗ୍ ଶେୟାର କରିବା ସହ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

# ୩ ଶହ ଫୁଟ୍‌ର ତ୍ରିରଙ୍ଗା ରାଲି



**ମୋରଡା,୧୪।୮(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅନ୍ତର୍ଗତ ଚିତ୍ରଡା ଠାରେ ଆଜାଦିକା ଅମୃତ ମହୋତ୍ସବ ପାଳନ ଅବସରରେ ଭାଜପା ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶତାଧିକ ଭାଜପା କର୍ମୀ ଯୋଗ ଦେଇଥିଲେ। ଚିତ୍ରଡା ଭୈରବୀ ମନ୍ଦିର ଠାରୁ ତିନିଶହ ଫୁଟ ଲମ୍ବ ବିଶିଷ୍ଟ ତ୍ରିରଙ୍ଗା ପତାକା ଧରି ଏକ ବିଶାଳ ପଟୁଆରରେ କର୍ମୀ ମାନେ ଶୀର୍ଷାପାଳ ଛକ ଓ ଚିତ୍ରଡା ବଜାର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜଳାଶକ୍ତି ତଥା ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ମୋରଡା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ଜିଲା ସଭାପତି କାନ୍ଦ୍ରା ସୋରେନ, ଜିଲା ଉପସଭାପତି ପ୍ରଦୀପ କୁମାର ପରିଡା, ଜିଲା ଭାଜପା ଯୁବ ସଭାପତି ବଳରାମ ସାହୁ, ରାସଗୋବିନ୍ଦପୁର ବ୍ଲକ ମଣ୍ଡଳ ସଭାପତି ପୁରୁଷୋତ୍ତମ ଦେ, ଚିତ୍ରଡା ମଣ୍ଡଳର ସଭାପତି ନେତ୍ରାନନ୍ଦ ଦାସ, ଦେଉଳି ମଣ୍ଡଳ ସଭାପତି ଦିଲୀପ ଦାସ, ବୈଶିଙ୍ଗା ଓ ବେତନଟୀର ମଣ୍ଡଳ ସଭାପତି ରତିକାନ୍ତ ମହାନ୍ତଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ ।

## 'ମାତାପିତା ସଂସ୍କାରୀ ହେବା ନିତାନ୍ତ ଜରୁରୀ'

**ବାରିପଦା ଅଫିସ,୧୪।୮**

ଅଜାଦୀ କା ଅମୃତ ମହୋତ୍ସବ ଅବସରରେ ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାଶ୍ୱତୀ ଦାସମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲା ସହ ପ୍ରମୁଖ ପ୍ରବୋଧ କୁମାର ଭୂୟାଁ ଉପସ୍ଥିତ ରହି ଆଲୋଚନାର ଶୀର୍ଷକ ସମ୍ପର୍କରେ ଆଲୋକପାତ କରିଛନ୍ତି। ନୈତିକ ଓ ଆଧ୍ୟାତ୍ମିକ ଭାବେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଲେ ଆତ୍ମନିର୍ଭରଶୀଳ ରାଷ୍ଟ୍ର ଗଠନରେ ସହାୟକ ହୋଇପାରିବ। ସେହିପରି ଭାରତୀୟ ସଂସ୍କୃତି, ପରମ୍ପରା ଓ ବିଚାରଧାରାକୁ ବଜାୟ ରଖିବାକୁ ହେଲେ ପ୍ରଥମେ ପରିବାରର ମାତା ପିତା ସଂସ୍କାରୀ ହେବା ନିତାନ୍ତ ଜରୁରୀ। ପ୍ରତିକୂଳ ପାଗ ସତ୍ତ୍ୱେ ବୈଠକରେ ବଡ଼ସାହି, ସିଂହଟିଆ, ବେଲପାଳ ଗ୍ରାମର ଅନେକ ବୁଦ୍ଧିଜୀବୀ, ଶିକ୍ଷାବିତ ଓ ସମାଜସେବୀ ଉପସ୍ଥିତ ଥିଲେ।

## ତ୍ରିରଙ୍ଗା ଯାତ୍ରା



**ଭୁବନେଶ୍ୱର,୧୪।୮**

ଭାରତ ସ୍ୱାଧୀନତାର ୭୫ବର୍ଷ ଉପଲକ୍ଷେ ଦେଶ ଯେଉଁ ଅମୃତ ମହୋତ୍ସବ ପାଳନ କରୁଛି ରବିବାର ସେହି ଅବସରରେ ଘସିପୁରା ନିର୍ବାଚନ ମଣ୍ଡଳୀର ଘଟଗାଁ ଠାରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ଲଗାଣ ବର୍ଷା ସତ୍ତ୍ୱେ ସ୍ଥାନୀୟ ନେତା ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀରାଜ କୁଅଁରଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଘଟଗାଁ ଡାକବଙ୍ଗଳାଠାରୁ ବାହାରି ବଜାର ପରିକ୍ରମା କରି ଭାରତ ମାତାର ସ୍ଲୋଗାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ମହେଶ୍ୱର ସାହୁ, ଜିଲାର ବରିଷ୍ଠ ନେତା ଅଖିଳ ପାତ୍ର, ମଣ୍ଡଳ ସଭାପତି ଗୋଲେଖ ବଳ, ଜିତେନ୍ଦ୍ର ପଲେଇ, ମୁରଲୀ ମହାନ୍ତ, ଜଗବନ୍ଧୁ ସା, ଶରତ ବେଜ, ମକରଧ୍ୱଜ ବେହେରା, ପ୍ରିୟତମ ବେହେରା ପ୍ରମୁଖ ସାମିଲ ଥିଲେ।

## ପୂର୍ବତନ ତହସିଲଦାରଙ୍କ କେସ୍ ହାଇକୋର୍ଟରେ ଖାରଜ

**ହାଟଡିହୀ,୧୪।୮(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ତହସିଲର ୩ ଜଣ କର୍ମଚାରୀ ସରକାରୀ ଅର୍ଥ ଆତ୍ମସାତରେ ସମ୍ପୃକ୍ତି ଥିବା ନେଇ ଲୋକାୟୁକ୍ତ ଘଟଣାର ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ କର୍ମଚାରୀମାନେ ହେଲେ ଶ୍ରୀକାନ୍ତ ଯେନା ଏବଂ ଚେନ୍ ମ୍ୟାନ ଅଭିମନ୍ୟୁ ଭୂୟାଁ ଓ ତତ୍କାଳୀନ ତହସିଲଦାର ଗାୟତ୍ରୀ ସୋରେନ। ଗାୟତ୍ରୀ ଉକ୍ତ ଘଟଣାରେ ସମ୍ପୃକ୍ତ ନ ଥିବା ନେଇ ୧୭।୬।୨୨ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କେସ୍ ନଂ. ଡବ୍ଲ୍ୟୁପି(ସି) ୧୫୦୨୬/୨୨। ଏଥିରେ ଭିଜିଲାନ୍ସ ନିର୍ଦ୍ଦେଶକ ଓ ଲୋକାୟୁକ୍ତଙ୍କୁ ପକ୍ଷ କରାଯାଇଥିଲା। ହାଇକୋର୍ଟ ତହସିଲଦାର ଗାୟତ୍ରୀଙ୍କ ପକ୍ଷରୁ ଆଗତ ମାମଲାକୁ ଚଳିତ ମାସ ୧୧ ତାରିଖରେ ଖାରଜ କରି ଦେଇଛନ୍ତି।

**ସରକାରୀ ଅର୍ଥ ଆତ୍ମସାତ୍ ମାମଲା**

ପ୍ରକାଶ ଯେ, ସେଥିରୁ ଶ୍ରୀକାନ୍ତ ଓ ଅଭିମନ୍ୟୁଙ୍କ ନାମରେ ତହସିଲଦାର ଦିଲ୍ଲୀପ କୁମାର ସାହୁ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ ୧୩୭/୨୨ ପୋଲିସ ମାମଲା ରୁଜୁ କରିଥିଲା। ଉଭୟ କର୍ମଚାରୀ ଆଗୁଆ ଜାମିନ ଲାଗି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କେସ୍ ନଂ. ଏବିଏଲଏପିଏଲ ୭୬୪୭/୨୨ ଏବଂ ୮୩୫୬/୨୨ ହାଇକୋର୍ଟ ଜାମିନ ମଧ ଦେଇଛନ୍ତି। ଅପର ପକ୍ଷେ ନାଜିର ଶ୍ରୀକାନ୍ତ ମଧ ଘଟଣାରେ ସମ୍ପୃକ୍ତ ନ ଥିବା ନେଇ ହାଇକୋର୍ଟରେ ୧୭।୬।୨୨ରେ ଆଉ ଏକ ମାମଲା ଦାୟର କରିଛନ୍ତି। ତାର ଶୁଣାଣି ହୋଇନାହିଁ। ପୂର୍ବତନ ତହସିଲଦାର ଏବଂ ନାଜିରଙ୍କ ତରଫରୁ ଆଇନଜୀବୀ ପ୍ରବୀର କୁମାର ରାୟ ଏବଂ ସାଥୀ ମାମଲା ପରିଚାଳନା କରୁଛନ୍ତି । ସୂଚନାଯୋଗ୍ୟ, ୨୦୧୯ରେ ଏକ ଟ୍ରାକ୍ଟରରେ ବେଆଇନ ବାଲି ଚାଲାଣ କରୁଥିବା ଜଣେ ବ୍ୟକ୍ତିଙ୍କଠାରୁ ରୟାଲଟି ଏବଂ ପେନାଲଟି ବାବଦରେ ୪୦ ହଜାର ଟଙ୍କା ଆଦାୟ କରାଯାଇଥିଲା। କିନ୍ତୁ ସରକାରୀ ରାଜକୋଷରେ ୪ ହଜାର ଟଙ୍କା ଜମା କରାଯାଇ ଅବଶିଷ୍ଟ ୩୬ ହଜାର ଟଙ୍କା ଆତ୍ମସାତ କରାଯାଇଥିଲା। ଏହାକୁ ନେଇ ଲୋକାୟୁକ୍ତଙ୍କ ନିକଟରେ ମାନବ ଅଧିକାର କର୍ମୀ ହିମାଂଶୁ ଶେଖର ନାୟକ ଅଭିଯୋଗ କରିଥିଲେ ।

## କଂଗ୍ରେସର ସ୍ୱାଧୀନତା ଗୌରବ ପଦଯାତ୍ରା

**ବାସୁଦେବପୁର,୧୪।୮ (ଡି.ଏନ.ଏ.)**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଭଦ୍ରକ ଜିଲା ବାସୁଦେବପୁର କଂଗ୍ରେସ ପକ୍ଷରୁ ରବିବାର ସ୍ୱାଧୀନତା ଗୌରବ ପଦଯାତ୍ରା କରାଯାଇଛି। ଐତିହାସିକ ବିଦେଇପୁର ପଞ୍ଚାୟତ ଲବଣତୀର୍ଥ ପୀଠରୁ ଏହି ପଦଯାତ୍ରା ଆରମ୍ଭ ହୋଇ ବାଲିମେଦର ଗାନ୍ଧୀ ସ୍ମୃତିପୀଠ ଚାରିବାଟିଆରେ ଶେଷ ହୋଇଥିଲା। ପୂର୍ବାହ୍ନରୁ ଲବଣତୀର୍ଥ ପୀଠରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ପିସିସି ସାଧାରଣ ସମ୍ପାଦକ ଅଶୋକ ଦାସ ନେତୃତ୍ୱ ନେଇଥିଲେ। ବ୍ଲକ ସଭାପତି ରମେଶ ଚନ୍ଦ୍ର ବଳ, ନଗର ସଭାପତି ଭକ୍ତ ରଞ୍ଜନ ପଟ୍ଟନାୟକ, ସରପଞ୍ଚ ଆଦିତ୍ୟ ଗିରି, ସୁବାସ ସନ୍ଧିବିଗ୍ରହ, ଯୁବ କଂଗ୍ରେସର ଜିଲା କାର୍ଯ୍ୟକାରୀ ସଭାପତି ସୁବ୍ରତ ବେହୁରା, ନିର୍ବାଚନମଣ୍ଡଳୀ ସଭାପତି ରାକେଶ ମହାନ୍ତି, ସୁଶାନ୍ତ ମହାକୁଡ଼, ସିଦ୍ଧାର୍ଥ ଦାସ, ବୁଧିରାମ ସେଠୀ, ପ୍ରଭାତ କୁମାର ବାରିକ, କାଉନସିଲର ସସ୍ମିତା ସେଠୀ, ମଞ୍ଜୁଲତା ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

## ପୋଖରୀରେ ତ୍ରିରଙ୍ଗା ଧରି ସନ୍ତରଣ



**ଯୋଡ଼ା,୧୪।୮(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଜଜାଙ୍ଗ ପଞ୍ଚାୟତ ଅଧୀନ ଗୁରୁଡୁଆଁ ଗ୍ରାମର ଆଦିବାସୀ ଅଧ୍ୟୁଷିତ ମନ୍ଦିର ସାହି ଠାରେ ଭାରତୀୟ ମଜଦୁର ସଂଘ କେନ୍ଦୁଝର ଶାଖା ପକ୍ଷରୁ ଭାରତ ସ୍ୱାଧୀନତାର ୭୫ତମ ପୂର୍ତ୍ତି ଅବସରରେ ଅମୃତ ମହୋତ୍ସବ ପାଳନ କରାଯାଇଛି। ସଂଘର କେନ୍ଦୁଝର ଶାଖା କାର୍ଯ୍ୟକାରୀ ସଭାପତି ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଆଦିବାସୀ ମହିଳା ଓ ପୁରୁଷ ଯୋଗଦାନ କରି ମନ୍ଦିର ସାହିଠାରୁ ସ୍ଥାନୀୟ ତିନିଧାରିଆ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଏଥିରେ କେତେଜଣ ଯୁବକ ଜଳାର୍ଣ୍ଣବ ପୋଖରୀରେ ଜାତୀୟ ପତାକା ଧରି ସନ୍ତରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଞ୍ଚଳର ମାନ୍ୟଗଣ୍ୟ ଯୁବ ସଂଗଠକ ତଥା ଭାଜପା ବାମେବାରୀ ମଣ୍ଡଳର ପୂର୍ବତନ ସମ୍ପାଦକ ମନୋଜ କୁମାର ବଳବନ୍ତ ରାୟଙ୍କ ତତ୍ତ୍ୱାବଧାନରେ ସମ୍ପାଦନ ହୋଇଥିଲା। ଶେଷରେ ସ୍ଥାନୀୟ ସମାଜିକକର୍ମୀ ଦେଶପ୍ରେମୀ ନମ୍ବିରା ଗ୍ରାମର ରାଜେନ୍ଦ୍ର କୁମାର୍ ମହାକୁଡ଼ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ଜାତୀୟ ପତାକାର ମହତ୍ତ୍ୱ ବିଷୟରେ ସୂଚନା ଦେଇ ଘରେ ଘରେ ଜାତୀୟ ପତାକା ଉଡ଼ାଇବା ପାଇଁ କହିଥିଲେ।

## କାରିଗରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ସହାୟତା

**ବାରିପଦା ଅଫିସ,୧୪।୮**

ମୟୂରଭଞ୍ଜ ଜିଲା ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ରବିବାର କାରିଗରମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ବିଭିନ୍ନ ପ୍ରକାର ଶିଳ୍ପୀଙ୍କୁ ଆର୍ଥିକ ସହାୟତା ସହ ଏକ ମାସର ରାଶନ ସାମଗ୍ରୀ ଦିଆଯାଇଛି। ପୂର୍ବତନ ରାଜସ୍ୱ ମନ୍ତ୍ରୀ, ବାଙ୍ଗିରିପୋଷି ବିଧାୟକ ତଥା ବିଜେଡିର ଜିଲା ସଭାପତି ସୁଦାମ ମାରାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଦ୍ମବିଭୂଷଣ ଡ. ସୁଦର୍ଶନ ସାହୁ, ସମ୍ମାନିତ ଅତିଥି ଭାବେ ମୋରଡ଼ା ବିଧାୟକ ରାଜକିଶୋର ଦାଶ, ଜିଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ବିଜେଡି ରାଜ୍ୟ ସମ୍ପାଦକ ଡ. ଦେବାଶିଷ ମାର୍ଣ୍ଡି, ଓଡ଼ିଶା କୃଷି ନିଗମ ପୂର୍ବତନ ଅଧକ୍ଷ ଦେବାଶିଷ ମହାନ୍ତି ପ୍ରମୁଖ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ ୬୫ଜଣ କାରିଗରଙ୍କୁ ପ୍ରଥମ ପର୍ଯ୍ୟାୟରେ ୨ ହଜାର ଟଙ୍କା ଲେଖାଏ ସହ ମାସକର ରାଶନ ପ୍ରଦାନ କରାଯାଇଛି। ବାରିପଦା ପୌରପାଳିକାର ଉପନଗରପାଳ ସୀମା ଦାସ, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ପୂର୍ବତନ ସାରସକଣା ବିଧାୟକ ଭାଦବ ଚନ୍ଦ୍ର ହାଁସଦା, ସୁବ୍ରମଣ୍ୟମ ମହାନ୍ତି, ଓଡ଼ିଶା ଶିଳ୍ପୀ ମହାସଂଘର ରାଜ୍ୟ ସଭାପତି ଉଦୟ ମହାନ୍ତି, ବିଜେଡି ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ ପ୍ରମୁଖଙ୍କ ସହ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

## ପୁଣି ବନ୍ଦ ହେଲା ଝାରପୋଖରିଆ ଟୋଲ୍‌ପ୍ଲାଜା



ଟୋଲପ୍ଲାଜା ସମ୍ମୁଖରେ ଆନ୍ଦୋଳନ କରାଯାଉଛି।

**ସାରସକଣା,୧୪।୮ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ୪୯ନଂ. ଜାତୀୟ ରାଜପଥର ଝାରପୋଖରିଆ ଟୋଲ୍‌ପ୍ଲାଜା ଖୋଲିବା ନେଇ ଏବେ ଅନିଶ୍ଚିତତା ଦେଖାଦେଇଛି। ଗତ ଜୁଲାଇ ୩୦ରୁ ବନ୍ଦ ରହିବା ପରେ ଏହି ଟୋଲ୍‌ପ୍ଲାଜା ଶନିବାର ଖୋଲିଥିଲା। ମାତ୍ର ରବିବାର ସକାଳୁ ଭାଜପା, ବିଜେଡି ଏବଂ କଂଗ୍ରେସ ନେତାମାନେ ପହଞ୍ଚି ଝାରପୋଖରିଆ ଓଭରବ୍ରିଜ କାମ ସହ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ଯାଏ ଟୋଲ୍‌ପ୍ଲାଜା ବନ୍ଦ କରିବା ଦାବିରେ ଆନ୍ଦୋଳନରେ ବସିଥିଲେ। ସାରସକଣା ବିଧାୟକ ଡା. ବୁଢାନ ମୁର୍ମୁଙ୍କ ସହ ବରିଷ୍ଠ ଭାଜପା ନେତା ସଞ୍ଜୀବ ମହାନ୍ତି ଓ ଅନ୍ୟ ସମସ୍ତ ଦଳୀୟ କର୍ମୀ, ନେତୃବୃନ୍ଦ, ସ୍ଥାନୀୟ ଜନସାଧାରଣ ଆନ୍ଦୋଳନ କରିଥିଲେ। ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଫୋନ ମାଧ୍ୟମରେ ଆନ୍ଦୋଳନକାରୀମାନେ ଯୋଗାଯୋଗ କରି ଟୋଲ୍‌ପ୍ଲାଜା ବନ୍ଦ କରିବା ନେଇ କଥା ହୋଇଥିଲେ। ଏହାପରେ ଟୋଲ୍‌ପ୍ଲାଜା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ବିଧାୟକ ପ୍ରକାଶ କରିଛନ୍ତି।

ପ୍ରକାଶଥାଉକି, କୁଡୁମୀସେନା ରାଜ୍ୟ ସଭାପତି ଜୟମୁନୀ ମହାନ୍ତଙ୍କ ନେତୃତ୍ୱରେ କୁଡୁମୀସେନା ଏବଂ ଓଡ଼ିଶା ମୋଟର ଚାଳକ ମହାସଂଘ ବିଭିନ୍ନ ଦାବି ନେଇ ଜୁଲାଇ ୩୦ ସକାଳୁ ଟୋଲପ୍ଲାଜା ବନ୍ଦ କରିଥିଲେ। ପରେ ଏନେଇ ଥାନାରେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଲିଖିତ ପ୍ରତିଶ୍ରୁତି ପରେ ଶନିବାର ସକାଳଠାର ଏହି ଟୋଲ୍‌ପ୍ଲାଜା ଖୋଲିବା ପାଇଁ ସ୍ଥିର ହୋଇଥିଲା।

## ସାପ କାମୁଡ଼ାରେ ବାଳିକା ମୃତ

ଠାକୁରମୁଣ୍ଡା,(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ଏଦେଲବେଡା ଗ୍ରାମରେ ସାପ କାମୁଡ଼ାରେ ଜଣେ ବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ବାଳିକା ହେଲେ ଜାରଗି ହୋଙ୍କ ଝିଅ ଚୁପେଡ(୧୩)। ସୂଚନା ଅନୁଯାୟୀ, ସେ ଶନିବାର ରାତିରେ ଘରେ ଶୋଇଥିବା ବେଳେ ଏକ ଚିତିସାପ ତାଙ୍କୁ କାମୁଡ଼ି ଦେଇଥିଲା। ରବିବାର ଜାଣିବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିବା ଖବରଦାତା।

# ଖବରଦାତାଙ୍କ ତ୍ରିରଙ୍ଗା ଯାତ୍ରା

**ବାଲେଶ୍ୱର ଅଫିସ,୧୪।୮**

ବାଲେଶ୍ୱର ଜିଲା ମହକୁମାରେ କାର୍ଯ୍ୟରତ ଖବରଦାତାମାନଙ୍କ ପକ୍ଷରୁ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ରବିବାର ଅପରାହ୍ନ ୩ଟା ବେଳେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ପ୍ରକୋଷ୍ଠ ନିକଟରୁ ଏକ ମୋଟର ସାଇକେଲ ଶୋଭାଯାତ୍ରାକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଖବରଦାତାମାନେ ନିଜ ନିଜ ବାଇକ୍‌ରେ ତ୍ରିରଙ୍ଗା ବାନ୍ଧି ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରା ଫାଣ୍ଡିଛକ, ଫକୀର ମୋହନ ଗୋଲେଇ, ଆଇଟିଆଇ ଛକ, ହେମକାପଦା ଛକ, ଗଡ଼ଗଡ଼ିଆ ଛକ, ଆର୍ତ୍ତ କବିରାଜ ରୋଡ୍, ସିନେମା ଛକ, ଚିଡ଼ିଆପୋଲ ହୋଇ ସାମ୍ବାଦିକ ପ୍ରକୋଷ୍ଠ ନିକଟରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତାମାନେ ସାମିଲ ହୋଇଥିଲେ। ଏହି ଅବସରରେ ଏକ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ବୀର ମହାପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ବରିଷ୍ଠ ଖବରଦାତା ବିପ୍ଳବ ମହାନ୍ତି, ରଞ୍ଜନ ବାଗ, ଉଜ୍ଜ୍ୱଳ କର, ଦେବବ୍ରତ ପାଣିଗ୍ରାହୀ, ବଂଶୀଧର ଜେନା, ଶିବଦାସ କୁଣ୍ଡୁ, ମନୋଜ ରାଉଳ, ଉବାଚକ ମହାନ୍ତି, ବ୍ରହ୍ମାନନ୍ଦ ସ୍ୱାଇଁ, ହାଇଦର ଖାଁ ପ୍ରମୁଖ ସେମାନଙ୍କ ସ୍ମୃତିଚାରଣ କରିଥିଲେ।

# ୨ ମୃତଦେହ ଜବତ

**ଜଳେଶ୍ୱର,୧୪।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରୁ ଦୁଇ ମୃତଦେହ ଜବତ ହୋଇଛି। ନେତୁଆ ପଞ୍ଚାୟତ ଅନ୍ତର୍ଗତ ଆଡିନଗା ତ୍ରିଶକ୍ତି ମାର୍କେଟ ପାଖ ଖାଲରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ମିଳିଛି। ତାଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ସାଧାରଣରେ ସନ୍ଦେହ କରାଯାଉଛି। ସେହିପରି ରାଇବଣିଆ ଥାନା ଅଧୀନ ଗହିଳାଖାଳ ନିକଟରୁ ଦଶରାପଦା ଗାଁର ମୁଡୁରା ମାରାଣ୍ଡିଙ୍କ ଅବିବାହିତ ଝିଅ ପଦ୍ମିନୀ(୩୫)ଙ୍କ ମୃତଦେହ ଜବତ ହୋଇଛି। ଗତ ଶୁକ୍ରବାରଠାରୁ ସେ ନିଖୋଜ ଥିଲେ। ଗହିରାଖାଳ ନିକଟରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି।




# କୁପାରୀ ହାଇସ୍କୁଲ ପିଲା ଉଡ଼ାଇଲେ ୨୦୦ ଫୁଟର ତ୍ରିରଙ୍ଗା


ଛାତ୍ରୀଛାତ୍ରଙ୍କ ତ୍ରିରଙ୍ଗା ଶୋଭାଯାତ୍ରା ବଜାର ପରିକ୍ରମା କରୁଛି।

**ଖଇରା,୧୪।୮(ଡି.ଏନ.ଏ)**

ସମଗ୍ର ଭାରତ ବର୍ଷର ପୁରପଲ୍ଲୀରେ ଆଜାଦି କା ଅମୃତ ମହୋତ୍ସବ ପାଳନ ଧୁମଧାମରେ ଆରମ୍ଭ ହୋଇଯାଇଛି। ସାଧାରଣ ନାଗରିକଙ୍କୁ କ୍ରାନ୍ତିକାରୀଙ୍କ ଉପରେ ସଚେତନ ସହ ଦେଶପ୍ରେମ ଜାଗ୍ରତ ତଥା ସ୍ୱାଧୀନତାର ଖୁସି ବାଣ୍ଟିବା ପାଇଁ ଅଣ୍ଟାଭିଡିଛନ୍ତି ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ହାଇସ୍କୁଲର ଛାତ୍ରୀଛାତ୍ର। ବାଲେଶ୍ୱର ଜିଲାର ବିଶିଷ୍ଟ ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ ଓ ହାଇସ୍କୁଲର ପ୍ରଧାନଶିକ୍ଷକ ଜଗବନ୍ଧୁ ବେଶ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଲାମାନେ ୨୦୦ ଫୁଟର ତ୍ରିରଙ୍ଗା ଧରି କୁପାରୀ ବଜାର ଓ ଗ୍ରାମ ପରିକ୍ରମା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ରଶ୍ମିତା ସିଂ,ଗୀତାଞ୍ଜଳି ସାହୁ, ଜୟନ୍ତୀଲତା ଜେନା, ତୃଷାନିବାରିଣୀ ରାଉତ, ସୁକାନ୍ତି ଦାସ, ଆରତୀ ଜେନା ଶିକ୍ଷକ କରୁଣାକର ମହାନ୍ତି, ସନ୍ତୋଷ କୁମାର ବାରିକ, ସଞ୍ଜୟ କୁମାର ଦାସ, ସ୍ଥାନୀୟ ଯୁବନେତା ଦୈତାରୀ ପଣ୍ଡା, ଭାର୍ଗବ ପାତ୍ର, ଶଶିକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ।







# ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନା କାର୍ଯ୍ୟକାରୀ ଦାବି କଲେ ଏମ୍‌ପି

**ଭଦ୍ରକ ଅଫିସ,୧୪।୮**

ଭଦ୍ରକ ସଂସଦୀୟ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନାଗୁଡ଼ିକ ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାରେ ଅନ୍ତର୍ଭୁକ୍ତ କରି କାର୍ଯ୍ୟକାରୀ କରିବା ପାଇଁ ନୂଆଦିଲ୍ଲୀ ସଂସଦ ଭବନ ଠାରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ପରାମର୍ଶଦାତା କମିଟି ବୈଠକରେ ଦାବି ରଖିଛନ୍ତି ଏମ୍‌ପି ମଞ୍ଜୁଲତା ମଣ୍ଡଳ। ସେ ଏନେଇ ଏକ ଦାବିପତ୍ର କମିଟି ଅଧ୍ୟକ୍ଷ ତଥା କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋୟଲଙ୍କୁ ପ୍ରଦାନ କରିଛନ୍ତି। ବୈଠକରେ ଓଡ଼ିଶା ରାଜ୍ୟ ଜାତୀୟ ରାଜପଥ ଚିଫ୍ ଜେନେରାଲ ମ୍ୟାନେଜର ଡ. ରାମ ପ୍ରସାଦ ପଣ୍ଡାଙ୍କ ସହ ଆଲୋଚନା କରାଯାଇ ଖୁବଶୀଘ୍ର ଏମ୍‌ପିଙ୍କ ଅଧ୍ୟକ୍ଷତାରେ ଉକ୍ତ ପ୍ରକଳ୍ପଗୁଡ଼ିକ ସମୀକ୍ଷା ବୈଠକରେ ଆଲୋଚନା କରାଯିବ ବୋଲି ଜାତୀୟ ରାଜପଥର ବରିଷ୍ଠ ଅଧିକାରୀ ଜେ.ଏସ୍. ଚୌଧୁରୀ କହିଛନ୍ତି।

ଏମ୍‌ପି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଭଦ୍ରକ ସଂସଦୀୟ କ୍ଷେତ୍ର ଅଧୀନରେ ଉପକୂଳ ମଧ୍ୟ ଦେଇ କାର୍ଯ୍ୟକାରୀ ହେଉଥିବା ପ୍ରାୟ ୭୦ କି.ମି. ପରିବ୍ୟାପ୍ତ ଭାରତମାଳା ପରିଯୋଜନାରେ ରତନପୁର–ଦିଘା (ଚାନ୍ଦବାଲି, ଧାମରା, ବାସୁଦେବପୁର, ସୋର) ଉପକୂଳବର୍ତ୍ତୀ ସାଗରମାଳା ସମୃଦ୍ଧି ଯୋଜନା (ବୈତରଣୀ, ମନ୍ତେଇ, ଧାମରା ଓ ଓଡ଼ିଶା କୋଷ୍ଟ କେନାଲ ମଧ୍ୟ ଦେଇ ଜଳପଥ ଯୋଜନା), ପ୍ରସ୍ତାବିତ ଜାମୁଝାଡ଼ି– ଧାମରା ଜାତୀୟ ରାଜପଥ, ଜାତୀୟ ରାଜପଥ ନଂ. ୧୬ର ଭଦ୍ରକ–ଆରଡ଼ି ରାସ୍ତାକୁ ଗତିଶକ୍ତି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ। ଗତବର୍ଷ ସ୍ୱାଧୀନତା ଦିବସରେ ଲାଲକିଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା୧୦୦ ଲକ୍ଷ କୋଟି ଟଙ୍କାର 'ଗତି ଶକ୍ତି ଯୋଜନା' ଶୁଭାରମ୍ଭ ହୋଇଥିଲା। ଭଦ୍ରକ ସଂସଦୀୟ କ୍ଷେତ୍ରରେ ଏହି ଯୋଜନା କାର୍ଯ୍ୟକାରୀ ହେଲେ ପ୍ରକଳ୍ପଗୁଡ଼ିକ ଶୀଘ୍ର ନିର୍ମାଣ ସହ ସୁଦୃଢ଼ ହୋଇପାରିବ। ବେକାରୀ ଓ ଶିକ୍ଷିତ ଯୁବକଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି ହେବ। ପର୍ଯ୍ୟଟନ କ୍ଷେତ୍ରରେ ଆରଡ଼ି ଓ ବାଣିଜ୍ୟ କ୍ଷେତ୍ରରେ ଧାମରାକୁ ଯୋଗାଯୋଗ ପଥ ସୁଗମ ହେବା ସହ ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ବିକାଶ ହୋଇପାରିବ।







# ନାଳରୁ ମିଳିଲା ଚାଷୀଙ୍କ ମୃତଦେହ

**ଭଦ୍ରକ ଅଫିସ/ଆରଡ଼ି, ୧୪।୮(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ରଇପୁର ଗ୍ରାମର ରମାକାନ୍ତ ରାଉତ ନାମକ ଚାଷୀଙ୍କ ମୃତଦେହ ରବିବାର ଏକ ନାଳରୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ରମାକାନ୍ତ ଶନିବାର ସକାଳୁ ବିଲକୁ ଚାଷକାମ କରିବାକୁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ଖବର ପାଇ ନ ଥିଲେ। ରବିବାର ସକାଳୁ ଗାଁ ନିକଟସ୍ଥ ବୈତରଣୀ ନଦୀର ଶାଖା ସାନମାହରାରେ ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏବେ ବୈତରଣୀରେ ବନ୍ୟାଜଳ ଆସିଥିବାରୁ ଶାଖା ନାଳଗୁଡ଼ିକରେ ବନ୍ୟାଜଳ ପ୍ରବାହିତ ହେଉଛି। ରମାକାନ୍ତ ଚାଷ କାମ ସାରି ଫେରୁଥିବା ସମୟରେ ନାଳ ପାରି ହେଉଥିବା ବେଳେ ଭାସିଯାଇ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଧୂଷୁରୀ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୨) ରୁଜୁ କରାଯାଇଛି।



